## ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ରସଂଖ୍ୟା. ୯୫୭ ,/ ସୂ.ଲୋ.ସଂ., ତା. ୨୭-୦୯-୨୦୧୮.

e-mail- dkl.dipro@gmail.com
ଦୂରଭାଷ- (୦୬୭୬୨)-୨୨୬୪୧୪

# ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ସଚେତନତା ରଥର ଶୁଭାରମ୍ଭ ।

*ଢେଙ୍କାନାଳ, ତା-୨୯.୦୯.୨୦୧୮ରିଖ- ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ଠାରେ ସଂକ୍ଷିପ୍ତ ସଂଶୋଧନ ସଂପର୍କୀତ ରଥକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅବନୀକାନ୍ତ ପଟ୍ଟନାୟକ ଶୁଭାରମ୍ଭ କରିଥିଲେ । ଏହି ସଚେତନତା ରଥର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନାମ ପଞ୍ଜିକରଣ କରିବା, ଅନୁପସ୍ଥିତ, ସ୍ଥାନାନ୍ତରିତ ହୋଇଥିବା ଏବଂ ମୃତ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ କରିବା ସହିତ ଭୋଟର ତାଲିକାରେ ଥିବା ତ୍ରୁଟିକୁ ସଂଶୋଧନ କରିବା । ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ -୨୦୧୯ ଚିଠା ଭୋଟର ତାଲିକା ତା-୦୧.୦୯.୨୦୧୮ରିଖରେ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟଳୟ ଏବଂ ମତଦାନ କେନ୍ଦ୍ରରେ ପ୍ରକାଶିତ କରାଯିବ । ସହଜରେ ନିଜ ନାମ ଅନ୍ୱେଷଣ ଏବଂ ପଞ୍ଜିକରଣ ନିମିତ୍ତ ମୁଖ୍ୟ ନିର୍ବାଚନ କମିଶନରଙ୍କର www.ceoodisha.nic.in ଏବଂ www.nvsp.nic.in ରେ ଅନ୍‌ଲାଇନ୍ ଦରଖାସ୍ତ କରିପାରିବେ । ଭୋଟର ତାଲିକାକୁ ନିର୍ଭୁଲ ଓ ସ୍ୱଚ୍ଛ କରିବା ଲକ୍ଷ୍ୟ ନେଇ ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତର ଭୋଟର ମାନଙ୍କୁ ସଚେତନ ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି ।*

*ଏହି ସଚେତନତା ରଥର ଶୁଭାରମ୍ଭ ସମୟରେ ଉପଜିଲ୍ଲାପାଳ ପିତାମ୍ବର ସାମଲ, ଜିଲ୍ଲା ସହକାରୀ ନିର୍ବାଚନ ଅଧିକାରୀ ଶ୍ରୀ ଭଜନାନନ୍ଦ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ହରିହର ପଞ୍ଚୁଆତି, ସମେତ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।*

---------------------- ହେମନ୍ତ କୁମାର ନାୟକ ୨୭/୯/୨୦୧୮

*ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ,*

*ଢେଙ୍କାନାଳ*

*ଏହାର ଏକକିତା ନକଲ ସଂପୃକ୍ତ ଗଣମାଧ୍ୟମର ପ୍ରତିନିଧି ମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।*